# ତଥ୍ୟର ଅଭାବ ଏବଂ ତ୍ରୁଟିପୂର୍ଣ୍ଣ ଇ-କେଓ୍ୱାଇସି କାର୍ଯ୍ୟାନ୍ୱୟନ, ପ୍ରବାସୀ ନିଜ ହକ୍ ରାସନ ପାଇଁ ହଟହଟା

ସମୀତ ପଣ୍ଡା, ଧୀରେନ ସ୍ୱାଇଁ

ଓଡ଼ିଶାରେ ଗତ ୨୦୨୪ ଜୁନ୍ ମାସରେ ନୂଆ ନିର୍ବାଚିତ ସରକାର କାର୍ଯ୍ୟଭାର ଗ୍ରହଣ କଲେ। କ୍ଷମତାରେ ଆସିବା ପରେ ନୂଆ ସରକାର ଜନକଲ୍ୟାଣକାରୀ ଯୋଜନାଗୁଡ଼ିକରେ କିଛି ପ୍ରମୁଖ ପରିବର୍ତ୍ତନ କରିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏ ଭିତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ୟତମ, ଯେଉଁଥିରେ ରାଜ୍ୟ ସରକାର ରାଜ୍ୟର ସମସ୍ତ ରାସନ କାର୍ଡଧାରୀଙ୍କ ଇ-କେଓ୍ୱାଇସି ଯାଞ୍ଚ କରିବାର କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ବାଧ୍ୟତାମୂଳକ କରିଛନ୍ତି।

ରାଜ୍ୟ ବିଧାନସଭା ସଦନରେ ଏ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତରରେ ଓଡ଼ିଶା ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୩.୩ କୋଟି ରାସନ କାର୍ଡଧାରୀଙ୍କ ମଧ୍ୟରୁ ୮୦ପ୍ରତିଶତ ଯାଞ୍ଚ ପ୍ରକ୍ରିୟା ଶେଷ କରିଛନ୍ତି ଏବଂ ୬୭ଲକ୍ଷ ରାସନ କାର୍ଡଧାରୀ ଏପର୍ଯ୍ୟନ୍ତ ତାହା କରିନାହାଁନ୍ତି।

କେନ୍ଦ୍ର ସରକାର ଇ-କେଓ୍ୱାଇସି ପ୍ରକ୍ରିୟା ଉପରେ ଜାରି ନିର୍ଦ୍ଦେଶନାମା ମୁତାବକ ରାସନକାର୍ଡରେ ନାମଥିବା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଇ-ପିଓଏସ୍ ମେସିନ୍ ମାଧ୍ୟମରେ ଆଧାର-ଆଧାରିତ ବାୟୋମେଟ୍ରିକ୍ ପ୍ରମାଣୀକରଣ ଆବଶ୍ୟକ। ଏହି ବ୍ୟବସ୍ଥାଯୋଗୁଁ ପୂର୍ବରୁ ଭାରତର ଅନ୍ୟତ୍ର ରାସନ ପାଇବାରେ ବହୁତ ସମସ୍ୟା ସୃଷ୍ଟି କରିଛି, ଯାହାକି ଏହାର କାର୍ଯ୍ୟକାରିତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥାଏ।

**ଇ-କେଓ୍ୱାଇସି ପ୍ରକ୍ରିୟା ପ୍ରବାସୀ ଶ୍ରମିକଙ୍କ ପାଇଁ ଲାଭଦାୟକ କି ?**

ଗୌରାଙ୍ଗ ନାୟକ ଜଣେ ପ୍ରବାସୀ ଶ୍ରମିକ ଯିଏକି ସୁରକ୍ଷାକର୍ମୀ ହିସାବରେ କାମ କରନ୍ତି ଏବଂ ଏକ ଯୌଥ ପରିବାରର ସଦସ୍ୟ। ତାଙ୍କ ନାମ ରାସନ କାର୍ଡ଼ରୁ କଟିଯିବା ଡରରେ ଇ-କେଓ୍ୱାଇସି କରିବା ସକାଶେ ନବରଙ୍ଗପୁର ଘରକୁ ଆସିଲେ। ଏଥିପାଇଁ ତାଙ୍କୁ ଅନେକ ଦିନ ଅନଧିକୃତ ଛୁଟି ନେବାକୁ ପଡିଲା। ବର୍ତ୍ତମାନ ସେ ଚିନ୍ତାରେ ଅଛନ୍ତି କି ଏହାଦ୍ୱାରା ନିଜର ଚାକିରିକୁ ବିପଦରେ ପକାଇଲେ ଏବଂ ଏତେ ଦିନ କାମରୁ ଛୁଟିନେବା ଯୋଗୁଁ ତାଙ୍କୁ ଛଟେଇ କରାଯିବ କି ?

୨୦୧୧ ଜନଗଣନା ଅନୁଯାୟୀ, ଓଡ଼ିଶାର ୮୦% ଜନସଂଖ୍ୟା ରାସନ ବ୍ୟବସ୍ଥା ଅନ୍ତର୍ଭୁକ୍ତ, ଯେଉଁଥିରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟସୁରକ୍ଷା ଯୋଜନା ଅଧୀନରେ ଥିବା ସମସ୍ତ ରାସନ କାର୍ଡଧାରୀ ସାମିଲ। ନୂଆପଡ଼ା, ନବରଙ୍ଗପୁର, ମାଲକାନଗିରି ଏବଂ କଳାହାଣ୍ଡି ଭଳି ଜିଲ୍ଲା ଗୁଡିକରେ, ଜନସଂଖ୍ୟାର ୯୦%ରୁ ଅଧିକ ଲୋକ ପିଡିଏସ୍ ପରିସରଭୁକ୍ତ।

ଗତ ତିନି ଦଶନ୍ଧି ଧରି ଦାରିଦ୍ର୍ୟ ହ୍ରାସର ଦାବି ସତ୍ତ୍ୱେ ରାଜ୍ୟର ଏକ ବଡ଼ ବର୍ଗ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ରହିଅଛି। ଓଡ଼ିଶାରେ ଗତ କିଛି ଦଶନ୍ଧି ଧରି କାମ ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଉଥିବା ପ୍ରବାସୀ ଶ୍ରମିକ ସଂଖ୍ୟା ବଢ଼ି ଚାଲିଛି ଏବଂ ୨୦୨୩ର ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ୧୮ଲକ୍ଷ ଜନସଂଖ୍ୟା କାମ ସୁଯୋଗ ପାଇଁ ରାଜ୍ୟ ବାହାରକୁ ଚାଲିଯାଆନ୍ତି।

ବିଶ୍ୱ ବ୍ୟାଙ୍କ ଏଭଳି କଷ୍ଟସାଧ ପ୍ରବାସକୁ 'ଦାରିଦ୍ର୍ୟ ଏବଂ ବିପର୍ଯ୍ୟୟ ହେତୁ ଅନିଚ୍ଛାକୃତ ସ୍ଥାନାନ୍ତର' ଭାବରେ ପରିଭାଷିତ କରେ। ଏହି ପ୍ରବାସୀ ଶ୍ରମିକମାନେ ମୁଖ୍ୟତଃ ଇଟାଭାଟି, ନିର୍ମାଣ ଏବଂ ବୟନ ଶିଳ୍ପ ଇତ୍ୟାଦିରେ କାମ କରନ୍ତି। ଏହିପରି ଶ୍ରମିକମାନଙ୍କର ପାଇଁ ମୌଳିକ ରହିବା ସ୍ଥାନର ଘୋର ଅଭାବ ରହିଥାଏ। ସେମାନେ ପ୍ରାୟତଃ କମ୍ ପଇସାରେ ଚଳି ଘରକୁ ଟଙ୍କା ପଠାଇବା ପାଇଁ ବିପଦପୂର୍ଣ୍ଣ ଅବସ୍ଥାରେ ଜୀବନଯାପନ କରିବାପାଇଁ ବାଧ୍ୟ ହୁଅନ୍ତି।

ଏକ ରାଜ୍ୟରେ ଯେଉଁଠି କଷ୍ଟମୟ ପ୍ରବାସୀ ଶ୍ରମିକ ଏବଂ ଆର୍ଥିକ ଦୁର୍ବଳତାର ଯୁଗଳ ସମସ୍ୟା ରହିଛି, ସେଠାରେ ଏତେ ତରବରିଆ ଭାବରେ ପିଡିଏସ୍‌ରେ ଇ-କେଓ୍ୱାଇସି ପ୍ରକ୍ରିୟାକୁ ବାଧ୍ୟତାମୂଳକ କରିବା ଏକ ଚିନ୍ତାଜନକ ବିଷୟ।

ବର୍ତ୍ତମାନ, ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ଇ-କେଓ୍ୱାଇସି ଯାଞ୍ଚ ପ୍ରକ୍ରିୟାରେ ସମସ୍ତ ରାସନ କାର୍ଡଧାରୀଙ୍କୁ ନିଜ ସୁଲଭ ମୂଲ୍ୟ ଦୋକାନକୁ ଯାଇ ସେମାନଙ୍କର ଇ-କେଓ୍ୱାଇସି କରାଇବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ବ୍ୟବସ୍ଥା ଲାଗୁ କରିବା ପୂର୍ବରୁ ରାଜ୍ୟର ପ୍ରବାସୀ ଜନସଂଖ୍ୟା ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ବିଚାରକୁ ନନେଲା ଭଳିଆ ମନେହୁଏ।

ଓଡ଼ିଶା ବିଧାନସଭାର ଚଳିତ ଶୀତକାଳୀନ ଅଧିବେଶନରେ ଖାଦ୍ୟ ଯୋଗାଣ ବିଭାଗକୁ ପଚରା ଯାଇଥିବା ପ୍ରଶ୍ନଗୁଡିକ ଅନୁଧ୍ୟାନ କରି ଆମେ ଜାଣିବାକୁ ପାଇଲୁ ଦଳଗତ ନିର୍ବିଶେଷରେ ଅନେକ ବିଧାୟକ ଇ-କେଓ୍ୱାଇସି ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଉତ୍ତର ମୁତାବକ ମୋଟ ୩.୩ କୋଟି ରାସନ କାର୍ଡଧାରୀଙ୍କ ମଧ୍ୟରୁ ୨.୭୧ କୋଟି ରାସନ କାର୍ଡଧାରୀଙ୍କର ଇ-କେଓ୍ୱାଇସି ସମାପ୍ତ ହୋଇଛି, ଯେଉଁଥିରୁ ରାଜ୍ୟ ବାହାରେ ମଧ୍ୟ ୯୮,୬୬୪ ଜଣଙ୍କ

ଯାଞ୍ଚ କରାଯାଇଥିଲା ।

କେନ୍ଦ୍ର ସରକାର ପ୍ରବାସୀ ଶ୍ରମିକମାନଙ୍କୁ ଆଧାର-ଆଧାରିତ ବାୟୋମେଟ୍ରିକ୍ ପ୍ରମାଣୀକରଣ ମାଧ୍ୟମରେ ସେମାନଙ୍କ କାର୍ଯ୍ୟସ୍ଥଳରେ ରାସନ ପାଇବାରେ ସାହାଯ୍ୟ କରିବା ପାଇଁ 'ଏକ ରାଷ୍ଟ୍ର ଏକ ରାସନ କାର୍ଡ' (ONORC) ଯୋଜନା ଆଣିଥିଲେ । ଏହି ଯୋଜନା ମାଧ୍ୟମରେ ଏକ ରାସନ କାର୍ଡଧାରୀ ପ୍ରବାସୀ ଦେଶର କୌଣସି ରାସନ ଦୋକାନରୁ ନିଜ ଅଧିକାରର ରାସନ ପାଇପାରିବେ । ଯଦି ଆମ ପାଖରେ ONORC ଭଳିଆ ଟେକ୍ନୋଲୋଜି ଏବଂ ବ୍ୟବସ୍ଥା ଅଛି; ତାହେଲେ ଶ୍ରୀ ନାୟକଙ୍କ ଭଳିଆ ପ୍ରବାସୀ ଶ୍ରମିକଙ୍କୁ ନିଜ କାମ ଜାଗାରେ ଇ-କେୱାଇସି କରିବା ପାଇଁ ସୁବିଧା ଦେବାରେ କଣ ଅସୁବିଧା ରହିଲା, ତାହା ଏକ ପ୍ରଶ୍ନବାଚୀ । ଆହୁରି ମଧ୍ୟ ବିଧାନସଭାରେ ଖାଦ୍ୟ ଯୋଗାଣ ବିଭାଗର ଉତ୍ତରରୁ ଆମେ ଏହା ବି ଜାଣିବାକୁ ପାଇଲୁ କି ୯୮,୬୬୪ ଜଣଙ୍କ ଇ-କେୱାଇସି ଯାଞ୍ଚ ରାଜ୍ୟ ବାହାରେ ସମ୍ଭବ ହେଇଛି । ଏହାର ଅର୍ଥ ଆନ୍ତଃରାଜ୍ୟ ଇ-କେୱାଇସିର ବ୍ୟବସ୍ଥା ଉପଲବ୍ଧ କରାଯାଇଥିଲା, କିନ୍ତୁ ଏହି ସୂଚନା ବିଭାଗ ଦ୍ୱାରା କେବେ ବି ସାର୍ବଜନୀନ କରାଯାଇ ନଥିଲା ।

ପ୍ରବାସୀଙ୍କୁ ସୁହାଇଲା ଭଳିଆ କିଛି ବ୍ୟବସ୍ଥା ନକରି ତାଙ୍କୁ ଇ-କେୱାଇସି କରିବା ପାଇଁ ଆସିବାକୁ ଯେଉଁ ବାଧ୍ୟ କରାଯାଇଛି, ଏହାଦ୍ୱାରା ପ୍ରବାସୀ ମଧ୍ୟରେ ରାସନ କାର୍ଡ କଟିଯିବାର ଭୟର ବାତାବରଣ ସୃଷ୍ଟି ହେଲା, ତା ସହ ସେମାନେ ଏତେ ଖର୍ଚ୍ଚାନ୍ତ ଓ ହଇରାଣ ହେଇ କି ଘରକୁ ଆସିବାକୁ ବାଧ୍ୟ ମଧ୍ୟ ହେଲେ ।

**ସରକାରୀ ତଥ୍ୟରେ ସ୍ୱଚ୍ଛତାର ଅଭାବ**

ଦି ୱାୟାରରେ ପ୍ରକାଶିତ ହୋଇଥିବା ଏକ ପୂର୍ବ ଲେଖାରେ, ଆମଭିତରୁ ଜଣେ ଲେଖକ ଯୁକ୍ତି ବାଢ଼ିଥିଲେ ଯେ ପିଡିଏସ୍ ୱେବସାଇଟ୍, ଏବଂ ଖାଦ୍ୟ ଯୋଗାଣ ଭଳିଆ ବିଭାଗର ବହୁତ ବଡ଼ ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ପୋର୍ଟାଲରେ ସ୍ୱଚ୍ଛତା ଆଣିବା ଦ୍ୱାରା ଦୁଇଟି ମୁଖ୍ୟ ଫାଇଦା ହୋଇଥାଏ । ଏହା ନାଗରିକମାନଙ୍କୁ ନିଜ ଅଧିକାର ଦାବି କରିବା ସହିତ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ସଶକ୍ତ କରିବାରେ ମଧ୍ୟ ସାହାଯ୍ୟ କରେ । ଯଦି ଆମେ ଓଡ଼ିଶା ପିଡିଏସ୍ ପୋର୍ଟାଲକୁ ଦେଖିବା, ବହୁତ କମ୍ ସୂଚନା ସାଧାରଣରେ ଉପଲବ୍ଧ ରହିଛି ।

ଏ ସମ୍ବନ୍ଧୀୟ ଅଧିକ ସୂଚନା ପାଇବା ପାଇଁ ଆମେ ଖାଦ୍ୟ ଯୋଗାଣ ବିଭାଗ ଏବଂ ଅନ୍ୟାନ୍ୟ ସହଯୋଗୀ ବିଭାଗର ଏବଂ ଜିଲ୍ଲାଗୁଡ଼ିକର ପୋର୍ଟାଲ ଏବଂ ସୋସିଆଲ ମିଡିଆ ଆକାଉଣ୍ଟଗୁଡିକର ବିଶ୍ଳେଷଣ କରିଥିଲୁ । ବିଭାଗର ପୋର୍ଟାଲରେ ଅଥବା ଏହି ସୋସିଆଲ ମିଡିଆ ଆକାଉଣ୍ଟ୍ ଗୁଡିକରେ କଣ ପାଇଁ ଇ-କେୱାଇସି ପ୍ରକ୍ରିୟା କରାଯାଉଛି ଏବଂ ଏ ସମ୍ବନ୍ଧରେ ରାସନ କାର୍ଡଧାରୀ କଣ ସବୁ ପଦକ୍ଷେପ ନେଇପାରିବେ, ସେ ବିଷୟରେ କୌଣସି ବି ସୂଚନା ଉପଲବ୍ଧ ନାହିଁ ।

ବରଂ, ଏସବୁ ସୋସିଆଲ ମିଡିଆ ଆକାଉଣ୍ଟ୍ ଗୁଡିକରେ ବିଭିନ୍ନ ଜିଲ୍ଲାର ପଞ୍ଚାୟତ ଏବଂ ସୁଲଭ ମୂଲ୍ୟ ଦୋକାନରେ ଇ-କେୱାଇସି କେମିତି ସୁରୁଖୁରୁରେ କରାଯାଉଛି ସେ ଉପରେ କେବଳ ସୂଚନା ଥିବା ଦେଖା ଯାଇଥିଲା । ରାସନ କାର୍ଡଧାରୀଙ୍କ ପାଇଁ ଜରୁରୀ ସୂଚନା ପ୍ରଦାନ ନକରି, କେବଳ ନିଜର ବାହାବାହା ନେଲା ଭଳିଆ ଫଟୋ ସେୟାର କରିବା ଅସମ୍ବେଦନଶୀଳ ନୁହଁ କି ?

ପ୍ରକୃତରେ, ପିଡିଏସ୍ ଅଧିକାର ଧାରୀ, ସାମାଜିକ ଗଣମାଧ୍ୟମ ପୋଷ୍ଟ ମାଧ୍ୟମରେ ଇ-କେୱାଇସି ପ୍ରକ୍ରିୟା ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଯେମିତିକି 'କଣ କରିବେ' ଏବଂ 'କଣ କରିବେ ନାହିଁ'-ପାଇ ନଥିଲେ । ସେମାନେ ଏ ବିଷୟରେ ମୁଖ୍ୟତଃ ଜନସାଧାରଣ ଚର୍ଚ୍ଚାରୁ ଏବଂ ଗଣମାଧ୍ୟମରେ ହେଉଥିବା ଆଲୋଚନା ମାଧ୍ୟମରୁ ଅବଗତ ହୋଇଥିଲେ ।




ଅନ୍ୟପକ୍ଷରେ ଖାଦ୍ୟଯୋଗାଣ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ରାଜନୈତିକ ଆରୋପିତ ବୟାନରୁ ଲୋକଙ୍କ କୌଣସି ବି ହିତସାଧନ ହୋଇଥିବା ମନେ ହୁଏନାହିଁ ।

**ରାଜନୈତିକ ଲାଭ ପାଇଁ ମିଛ କାହାଣୀ ପ୍ରୋତ୍ସାହିତ କରିବା**

ଓଡ଼ିଶା ବିଜେପି 'ଓଡ଼ିଆ ଅସ୍ମିତା ' ଏବଂ ରାଜ୍ୟ ସରକାର ଉପରେ ଅମଲାତାନ୍ତ୍ରିକ କବଜାକୁ ମୁଖ୍ୟ ରାଜନୈତିକ ମୁଦ୍ଦା କରି ନିର୍ବାଚନ ଲଢ଼ିଥିଲା । ସରକାରକୁ ଆସିବା ପରେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ

କୃଷ୍ଣଚନ୍ଦ୍ର ପାତ୍ର, ଖାଦ୍ୟସୁରକ୍ଷା ଭଳି ସମ୍ବେଦନଶୀଳ ବିଷୟରେ ମଧ୍ୟ ସମାନ ଦଳୀୟ ଆଚରଣ ପ୍ରଦର୍ଶନ ଜାରି ରଖିଛନ୍ତି।

ପ୍ରଥମତଃ, ସେ ଦାବି କରିଥିଲେ ଯେ ରାଜ୍ୟରେ ପ୍ରାୟ ୫୦ଲକ୍ଷ ନକଲି କିମ୍ବା 'ଭୂତ' ରାସନ କାର୍ଡ ପ୍ରଚଳନରେ ଅଛି ଏବଂ ଦ୍ୱିତୀୟତଃ, ସେ କହିଥିଲେ ଯେ ଅନେକ ଅଯୋଗ୍ୟ ରାସନ କାର୍ଡଧାରୀ ରାଜନୈତିକ ଭାବରେ ଏହି ସୁବିଧା ହାସଲ କରିଛନ୍ତି ଏବଂ ତେଣୁ, ସରକାର ଇ-କେୱାଇସି ଯାଞ୍ଚ ମାଧ୍ୟମରେ ଏହି ବିଷୟରେ ସ୍ୱଷ୍ଟତା ଆଣିବା ବିଷୟରେ ଦାବି କରିଛନ୍ତି।

ଭୂତ ଲୋକଙ୍କୁ ହଇରାଣ କରେ ବା ଅସୁବିଧାରେ ପକାଇପାରେ। ଏବଂ ମନ୍ତ୍ରୀଙ୍କ ଦିଆ ଯାଇଥିବା ବୟାନରୁ ଏହା ମନେ ହୁଏ କି ରାସନ ବ୍ୟବସ୍ଥାରେ ବହୁତ ଦୁର୍ନୀତି ରହିଛି ଏବଂ ଏହା ସରକାରୀ ରାଜକୋଷକୁ କ୍ଷତି ପହଞ୍ଚାଇପାରେ। ସେ ଏହି ସବୁ ବୟାନ ଦ୍ୱାରା ସେ ଚାଲୁ ରହିଥିବା ରାସନ କାର୍ଡ ଇ-କେୱାଇସି ପ୍ରକ୍ରିୟାର ଯଥାର୍ଥତା ପ୍ରମାଣ କରିବା ପାଇଁ ବ୍ୟବହାର କରିଥିଲେ। ଅପରପକ୍ଷେ ତାଙ୍କ ଦ୍ୱାରା ଦାବି କରାଯାଇଥିବା ଲକ୍ଷ ଲକ୍ଷ ନକଲି କାର୍ଡର ମନମୁଖୀ ସଂଖ୍ୟା, ଅଧିକାଂଶ ରାସନ କାର୍ଡଧାରୀଙ୍କୁ ଭୟଭୀତ କରିଅଛି ଏବଂ ଅନେକଙ୍କୁ ଲାଗୁଛି ସେମାନଙ୍କର 'ଚାଉଳ' କାର୍ଡ ରଦ୍ଦ ହୋଇଯିବ।

ଏସବୁ ଶୁଣି ଜଣେ ମଧ୍ୟବୟସ୍କା ବିଧବା ମହିଳା ରୀନାଙ୍କ ଭଳି ରାସନ କାର୍ଡଧାରୀଙ୍କୁ ଲାଗୁଛି କି ଏହି ସବୁ ପ୍ରକ୍ରିୟା ଦ୍ୱାରା ତାଙ୍କ କାର୍ଡ ରଦ୍ଦ ହୋଇଯିବନି ତ, କାରଣ କିଛିଦିନ ପୂର୍ବରୁ ତାଙ୍କ ପୁଅ ଏକ ରେଫ୍ରିଜରେଟର କିଣିଛନ୍ତି।

ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଦ୍ୱିତୀୟ ବୟାନରୁ ଏମିତି ଲାଗୁଛି ସେ ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି କି ରାଜନୈତିକ ପୃଷ୍ଠପୋଷକତା ଦ୍ୱାରା ଦିଆଯାଇଥିବା ବେଆଇନ ରାସନ କାର୍ଡଗୁଡିକ ରଦ୍ଦ କରାଯିବ ଏବଂ ସେ ଜାଗାରେ ସଠିକ ହିତାଧିକାରୀଙ୍କୁ ଯୋଡା ଯିବ। କିନ୍ତୁ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ବିତରଣ ମନ୍ତ୍ରଣାଳୟର ୧୭ ମାର୍ଚ୍ଚ, ୨୦୨୩ ତାରିଖର



ଏକ ଚିଠି [F.No. ୨୩(୫)/୨୦୧୫-CompCell (ଭାଗ-୦) (E-୩୩୦୪୬୯)ଧ ଅନୁଯାୟୀ, ଇ-କେୱାଇସି ଯାଞ୍ଚ ପ୍ରକୃତରେ ହିତାଧିକାରୀଙ୍କୁ ଯୋଡିବା କିମ୍ବା ବାଦ ଦେବା ପରିବର୍ତ୍ତେ 'ହିତାଧିକାରୀଙ୍କ ପରିଚୟକୁ ବୈଧ କରିବା ଏବଂ ସୁନିଶ୍ଚିତ କରିବା' ପାଇଁ ଉଦ୍ଦିଷ୍ଟ।

ଏହି ଚିଠି/ ନିର୍ଦ୍ଦେଶ ଅନୁଯାଇ ଯେଉଁସବୁ ରାସନ କାର୍ଡ ଇ-କେୱାଇସି ଯାଞ୍ଚ ହେଇପାରି ନାହିଁ ଅଥବା ଯାଞ୍ଚ ଫେଲ୍ ହେଇଛି ସେଗୁଡ଼ିକର ପରିବାର ସ୍ତରକୁ ଯାଇ ଯାଞ୍ଚ କରିବାର ଆବଶ୍ୟକତା ରହିଅଛି। ଶ୍ରୀ ପାତ୍ରଙ୍କ ଦ୍ୱାରା ଦିଆଯାଇଥିବା ଏପରି ଭ୍ରାମକ ବୟାନ, ଅନାବଶ୍ୟକ ସଂଶୟ ଓ ଭୟ ସୃଷ୍ଟି କରିବା ସହିତ ଅନାବଶ୍ୟକ ଅସୁବିଧା, ଚାକିରି ହରାଇବା ଚିନ୍ତା ଏବଂ ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି।

ଅନ୍ୟପକ୍ଷରେ, ନଭେମ୍ବର ୨୭ ତାରିଖରେ ବିଧାୟକ ସୋଫିଆ ଫିରଦୋସଙ୍କ ଦ୍ୱାରା ଉଠା ଯାଇଥିବା ବିଧାନସଭା ପ୍ରଶ୍ନର ଉତ୍ତରରେ ଖାଦ୍ୟ ମନ୍ତ୍ରୀ କହିଥିଲେ ଯେ '୧୫ ଜୁନ୍ ୨୦୨୪ ପରଠାରୁ ଓଡ଼ିଶାରେ କୌଣସି ମିଥ୍ୟା ରାସନକାର୍ଡ ଚିହ୍ନଟ ହୋଇନାହିଁ।' ଏହା ପ୍ରଥମେ ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଦାବିକୁ ସମ୍ପୂର୍ଣ୍ଣ ଭାବରେ ଭୁଲ ପ୍ରମାଣିତ କରୁଛି।

ଚାଲୁ ରହିଥିବା ଆଧାର-ଆଧାରିତ ଇ-କେୱାଇସି ପ୍ରକ୍ରିୟା ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟାଗୁଡିକର ଧ୍ୟାନ ରଖିବାର ଆବଶ୍ୟକତା ରହିଅଛି। ଏହା କେବଳ ପ୍ରବାସୀ ଶ୍ରମିକଙ୍କୁ ହଇରାଣରେ ପକାଇନାହିଁ, ଅନ୍ୟ ପ୍ରକାର ହିତାଧିକାରୀ ଯଥା ନାବାଳକ ଯେଉଁମାନଙ୍କ ପାଖରେ ବାଳ ଆଧାର ଅଛି ଯେଉଁଥିରେ ବାୟୋମେଟ୍ରିକ ଦେବାକୁ ପଡ଼େନି, ବର୍ତ୍ତମାନ ସେମାନେ ଯେତେ ବେଳେ ଇ-କେୱାଇସି କରିବାକୁ ଚେଷ୍ଟା କରୁଛନ୍ତି ତାହା ସମ୍ଭବ ହେଉ ନାହିଁ। ଏହା ଛଡା ଏମିତି ବି ଲକ୍ଷାଧିକ ରାସନ କାର୍ଡଧାରୀ ଅଛନ୍ତି ଯାହାଙ୍କ ଆଧାର ନାହିଁ ଅଥବା ବାୟୋମେଟ୍ରିକ କାମ କରୁନି ତାଙ୍କ ପାଇଁ କଣ ବ୍ୟବସ୍ଥା କରାଯିବ ଜଣା ନାହିଁ । ସାମ୍ପ୍ରତିକ ତଥ୍ୟ ଅନୁସାରେ ୪୫ ଲକ୍ଷ ରାସନ କାର୍ଡଧାରୀଙ୍କ ଇ-କେୱାଇସି ହୋଇପାରି ନାହିଁ।

ଯେକୌଣସି ନୀତି ଏକ ବୃହତ୍ ଜନସଂଖ୍ୟାକୁ ପ୍ରଭାବିତ କରେ ତାହାର ସ୍ୱଚ୍ଛ ଏବଂ ପରାମର୍ଶମୂଳକ ନୀତି ନିର୍ଦ୍ଧାରଣ ଅଭ୍ୟାସର ଆବଶ୍ୟକତା ରହିଛି। କୌଣସି ବ୍ୟବସ୍ଥାକୁ ବାଧ୍ୟତାମୂଳକ କରିବା ପୂର୍ବରୁ ଲାଭ କ୍ଷତି ଲୋକଙ୍କୁ ହେଉଥିବା ସୁବିଧା ଅସୁବିଧାର ଅନୁଶୀଳନ କରିବାର ନିହାତି ଆବଶ୍ୟକତା ରହିଅଛି। ଏହା ମଧ୍ୟ ଧ୍ୟାନ ରଖିବା ଜରୁରୀ କି ଏଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଯେଉଁଥିରେ ବିଶେଷକରି ଏକ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଜନସଂଖ୍ୟା ବହୁଳ ଭାବରେ ନିର୍ଭର କରନ୍ତି ସେ ଉପରେ ନିଆଯାଇଥିବା କୌଣସି ବି ନିର୍ଣ୍ଣୟର କାରଣ ଏବଂ ଯଥାର୍ଥତା ଲୋକଙ୍କ ପାଖରେ ସହଜରେ ଉପଲବ୍ଧ ହେବା ଆବଶ୍ୟକ। ଏପରି ଏକ ସମ୍ବେଦନଶୀଳ ନୀତିକୁ ପର୍ଯ୍ୟାପ୍ତ ସମୟ ଦେଇ ଏବଂ ଲୋକଙ୍କ ଆବଶ୍ୟକତା ଏବଂ ଚ୍ୟାଲେଞ୍ଜକୁ ବିଚାର କରି ନିରପେକ୍ଷ ଭାବରେ ଲାଗୁ କରାଯିବା ଉଚିତ। ■